ଇମ୍ରାନ ଅଲ୍ଲୀ

ବନାମ

ହାବୀବୁଲ୍ଲା ଏବଂ ଅନ୍ୟଜଣେ

ମାର୍ଚ୍ଚ 19,2007

[ବି. ପି. ସିଂହ ଏବଂ ଏଚ୍. ଏସ୍. ବେଦୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜାମିନ - ଆଦେଶ - କାରଣଗୁଡିକ ଲିପିବଦ୍ଧ କରିବା - ଉଦ୍ଦେଶ୍ୟ ଏବଂ ପରିସର - ନିର୍ଣ୍ଣିତ ହେଲା , ଆବଶ୍ୟକସ୍ଥଳେ ଜାମିନ ମଞ୍ଜୁର ସମୟରେ ଯେଉଁ ବିଚାର ଉପରେ ନ୍ୟାୟାଳୟଙ୍କ ଦ୍ୱାରା ଗୁରୁତ୍ୱ ଦିଆଯାଇଛି, ତାହାକୁ କେବଳ ସୂଚିତ କରିବା ପାଇଁ କାରଣଗୁଡିକ ଲିପିବଦ୍ଧ କରାଯାଏ ଏବଂ ନ୍ୟାୟାଳୟ ଏପରି ଭାବରେ କରିବା ଉଚିତ ଯାହା ପକ୍ଷମାନଙ୍କ ମାମଲାରେ ପ୍ରତିକୂଳ ପ୍ରଭାବ ପକାଏ ନାହିଁ - ଏହି ମାମଲାରେ, ଉଚ୍ଚ ନ୍ୟାୟାଳୟ  ଏକ ବିସ୍ତୃତ ଯୁକ୍ତିଯୁକ୍ତ ଆଦେଶ ଲିପିବଦ୍ଧ କରିବା ସମୟରେ ପ୍ରକୃତରେ ଅଭିଯୋଗ ମାମଲାର କୌଣସି ଗୁଣବତ୍ତା ନାହିଁ ବୋଲି ଦର୍ଶାଇ ଭୁଲ କରିଛନ୍ତି - ଯେତେବେଳେ ଦୌରା ବିଚାର/ଅପିଲ ଶୁଣାଣି ପାଇଁ ନିଆଯାଏ ସେତେବେଳେ ଏହିପରି ତଥ୍ୟଗୁଡିକ ପରିହାର କରିବା ଉଚିତ,ତେବେ, ଜାମିନ ମଞ୍ଜୁର ଆଦେଶ ଅପରିବର୍ତ୍ତିତ ରହିବ ।*

ଫୌଜଦାରୀ ଅପିଲ ଅଧିକରିତା : ଅପିଲ ସଂଖ୍ୟା (ଫୌଜଦାରୀ)3986/2006ରେ ବିଶେଷ ଅନୁମତି ପାଇଁ ଆବେଦନ ।

ଫୌଜଦାରୀ ଆବେଦନ ସଂଖ୍ୟା 1447/2005 ରେ ଆହ୍ଲାବାଦସ୍ଥିତ  ଉଚ୍ଚ ନ୍ୟାୟାଳୟ, ଲକ୍ଷ୍ନୌ ବିଚାରପତିଙ୍କ ଖଣ୍ଡପୀଠ, ଲକ୍ଷ୍ନୌରେ 24.04.2006 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ସହିତ

2006 ର ଏସ୍. ଏଲ୍. ପି. (ଫୌଜଦାରୀ) ସଂଖ୍ୟା 3987,3988 ।

ଅପିଲକାରୀଙ୍କ ପାଇଁ ସମୀର ଅଲ୍ଲୀ ଖାନ୍, ରିଶଦ ମୁର୍ତଜା, ଅମିତ କୁମାର ଏବଂ ଗୌରବ ଧାମା ।

ଉତ୍ତରଦାତାମାନଙ୍କ ପାଇଁ ୟୁ. ୟୁ. ଲଳିତ, କୁଓର ସି. ଏମ୍. ଖାନ୍, ଇମ୍ରାନ କେ. ବର୍ନି, ଜାଫର ଖାନ୍ ଏବଂ ଇ. ସି. ବିଦ୍ୟା ସାଗର ।

ନ୍ୟାୟାଳୟଙ୍କର ଆଦେଶ ଦ୍ୱାରା ପ୍ରଦାନ କରାଯାଇଥିଲା

ଆଦେଶ

1. ଆମେ ପକ୍ଷମାନଙ୍କ ଓକିଲଙ୍କ କଥା ଶୁଣିଛୁ ।

2.ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉଚ୍ଚ ନ୍ୟାୟାଳୟ ତାଙ୍କ ସମ୍ମୁଖରେ ବିଚାରାଧୀନ ଅପିଲରେ ଉତ୍ତରଦାତାମାନଙ୍କୁ ଜାମିନ ପ୍ରଦାନ କରିବାକୁ ପ୍ରରୋଚିତ ହୋଇଥିଲେ । ତେବେ, ଉଚ୍ଚ ନ୍ୟାୟାଳୟ ଏକ ବିସ୍ତୃତ ଯୁକ୍ତିଯୁକ୍ତ ଆଦେଶ ଲିପିବଦ୍ଧ କରିବାକୁ ଯାଇ କହିଥିଲେ ଯେ ପ୍ରକୃତରେ ଅଭିଯୋଜନ ମାମଲାର କୌଣସି ଗୁଣବତ୍ତା ନାହିଁ । ଜାମିନ ଆବେଦନଗୁଡ଼ିକର ସମାଧାନ ଆଦେଶରେ ଅଭିଯୋଗ ପକ୍ଷ ସପକ୍ଷରେ କିମ୍ବା ବିପକ୍ଷରେ କରାଯାଇଥିବା ଏଭଳି ପର୍ଯ୍ୟବେକ୍ଷଣ ପକ୍ଷମାନଙ୍କ ସ୍ୱାର୍ଥ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ, କାରଣ ଯଦି ଦୌରା ଅଦାଲତରେ ଏକ ବିଚାର ବିଚାରାଧୀନ ଥାଏ, ତେବେ ବିଚାରକାଳୀନ ବିଚାରପତି ଏପରି ଆଦେଶରେ ଦିଆଯାଇଥିବା ପର୍ଯ୍ୟବେକ୍ଷଣ ଦ୍ୱାରା ଏହାକୁ ଆବଦ୍ଧ ବୋଲି ବିବେଚନା କରିପାରନ୍ତି । ଯେକୌଣସି ପରିସ୍ଥିତିରେ ଏଭଳି ପର୍ଯ୍ୟବେକ୍ଷଣ ଏହାର ବିବେକକୁ ପ୍ରଭାବିତ କରିବା ନିଶ୍ଚିତ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉପଯୁକ୍ତ ମାମଲାରେ, ବିଶେଷ କରି ଗମ୍ଭୀର ମାମଲାରେ, ଉଚ୍ଚ ନ୍ୟାୟାଳୟ କାରଣ ଲିପିବଦ୍ଧ କରିପାରନ୍ତି, କିନ୍ତୁ କାରଣ ଲିପିବଦ୍ଧ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ପକ୍ଷମାନଙ୍କ ମାମଲାରେ ପ୍ରତିକୂଳାତ୍ମକ ନ ହେବାର ରକ୍ଷାକବଚ ହେବା ଆବଶ୍ୟକ । ଆବଶ୍ୟକସ୍ଥଳେ ଜାମିନ ମଞ୍ଜୁର ସମୟରେ ଯେଉଁ ବିଚାର ଉପରେ ନ୍ୟାୟାଳୟଙ୍କ ଦ୍ୱାରା ଗୁରୁତ୍ୱ ଦିଆଯାଇଛି, ତାହାକୁ କେବଳ ସୂଚିତ କରିବା ପାଇଁ କାରଣଗୁଡିକ ଲିପିବଦ୍ଧ କରାଯାଏ ଏବଂ ନ୍ୟାୟାଳୟ ଏପରି ଭାବରେ କରିବା ଉଚିତ ଯାହା ପକ୍ଷମାନଙ୍କ ମାମଲାରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ । ଜାମିନ ମଞ୍ଜୁର ପାଇଁ ଆବେଦନର ଫଇସଲା କରିବା ସମୟରେ ପ୍ରକୃତ ପକ୍ଷେ ରାୟ ଲେଖିବାର ଯେଉଁ ଧାରା ସମ୍ପ୍ରତି ଦେଖାଯାଇଛି, ତାହାକୁ ନିରୁତ୍ସାହିତ କରାଯିବା ଉଚିତ ।

3. ଯଦିଓ ଏହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ଅପରିବର୍ତ୍ତିତ ରଖିବ, ଆମେ ଲକ୍ଷ୍ୟ କରୁଛୁ ଯେ ଜାମିନ ମଞ୍ଜୁର ଆଦେଶରେ ଲିପିବଦ୍ଧ ତଥ୍ୟକୁ ଶୁଣାଣି ପାଇଁ ନେବା ସମୟରେ ପରିହାର କରିବା ଉଚିତ ।

4. ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନର ଫଏସଲା କରାଗଲା ।

ଆର୍. ପି.

ଏସ୍. ଏଲ୍. ପି. ର ଫଏସଲା କରାଯାଇଥିଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ
ଅନୁବାଦିକା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।